# ଭୂଇଁ ନିମ୍ବ ଚାଷ - ଏକ ସଫଳ ଉଦ୍ୟୋଗ



ଓଡ଼ିଆ ଓ ସଂସ୍କୃତ ଭାଷାରେ ପରିଚିତ ଭୂଇଁନିମ୍ବକୁ ହିନ୍ଦୀରେ 'କାଲ ମେଘ', ଇଂରାଜୀରେ 'ଗ୍ରୀନ୍ ଚିରେତା' ବୋଲି କୁହାଯାଏ । ଏହି ଗୁଳ୍ମଟି ପ୍ରତ୍ୟେକଙ୍କର ପ୍ରାୟ ପରିଚିତ । ସାଧାରଣତଃ କୃମି ହେଲେ ମା'ମାନେ ପିଲାମାନଙ୍କୁ ଭୂଇଁନିମ୍ବ ପତ୍ରର ରସ ପିଇବାକୁ ଦେଇଥାନ୍ତି । ଭୂଇଁନିମ୍ବକୁ ସାଧାରଣତଃ ଆୟୁର୍ବେଦିକ, ୟୁନାନୀ, ସିଦ୍ଧ ତଥା ହୋମିଓପ୍ୟାଥି ଔଷଧ ପ୍ରସ୍ତୁତି ନିମନ୍ତେ ବ୍ୟବହାର କରାଯାଇଥାଏ । ଏହି ଗୁଳ୍ମ କ୍ଷତ ଘା, ପୁରାତନ ଜ୍ୱର, ମ୍ୟାଲେରିଆ, ପାଳିଜ୍ୱର, କଫ, ଚର୍ମରୋଗ, କୁଷ୍ଠ, ହଇଜା, ତରଳ ଝାଡ଼ା ଇତ୍ୟାଦି ରୋଗର ଔଷଧ ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଇଥାଏ । ଏହି ଗୁଳ୍ମ ଜଙ୍ଗଲ ଅଞ୍ଚଳରେ ବହୁ ପରିମାଣରେ ମିଳିଥାଏ । ଏହା ବର୍ଷା ଦିନେ ଜନ୍ମେ ଓ ଶୀତଦିନ ଆରମ୍ଭ ବେଳକୁ ଶୁଖିଯିବା ଆରମ୍ଭ କରେ । ଏହି ଗୁଳ୍ମର ବ୍ୟାବସାୟିକ ବ୍ୟବହାର ଦୃଷ୍ଟିକୋଣରୁ ଏହାର ଚାଷକୁ ଏକ ସଫଳ ଉଦ୍ୟୋଗ ହିସାବରେ ଗଣାଯାଏ । ଏହି ଚାଷ ଫଳରେ ଗାଁ ଗହଳିର ବହୁ ସ୍ୱୟଂ ସହାୟକ ଦଳର ସଭ୍ୟ/ସଭ୍ୟା/କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ତଥା ବେରୋଜଗାରୀ ଯୁବକ ମଧ ରୋଜଗାର କ୍ଷମ ହୋଇ ପାରିବାର ସମ୍ଭାବନା ଦୃଷ୍ଟିରୁ ଏହାକୁ ସବୁଜ ସୁନା ବୋଲି ମଧ କୁହାଯାଏ ।

'ଭୂଇଁନିମ୍ବ' ଏକ ଶାଖାଯୁକ୍ତ କ୍ଷୁଦ୍ର ଗୁଳ୍ମ, ଯାହାର ଉଚ୍ଚତା ଅତିବେଶୀରେ ୧ ଫୁଟ ପର୍ଯ୍ୟନ୍ତ ହୋଇଥାଏ । ସରୁ ସରୁ ପତ୍ର ଥାଏ । ଛୋଟ ହଳଦିଆ ଫୁଲ ଫୁଟେ ଏବଂ ଏହାର ଫଳଗୁଡ଼ିକ ଚେପଟା ହୋଇଥାଏ । ଏହି ଗୁଳ୍ମର ସମସ୍ତ ଅଂଶ ଯଥା: ଚେର, ମୂଳ, କାଣ୍ଡ, ଫଳ ଓ ପତ୍ର ଔଷଧ ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ ।

### ଚାଷ ପଦ୍ଧତି :

'ଭୂଇଁନିମ୍ବ' ଚାଷ କରିବା ପାଇଁ ଯେକୌଣସି ମୃତ୍ତିକା ଉପଯୁକ୍ତ । ମୁଖ୍ୟତଃ ବାଲିଆ ବା କାଦୁଆ ମାଟିରେ ଏହି ଚାଷ ଫଳପ୍ରଦ ହୋଇଥାଏ । ଭୂଇଁନିମ୍ବ ମୁଖ୍ୟତଃ ବିଷୁବମଣ୍ଡଳୀୟ ତଥା ଉପ-ବିଷୁବମଣ୍ଡଳୀୟ ଅଞ୍ଚଳରେ ଅଧିକ ମିଳିଥାଏ ବା ଚାଷ କରାଯାଇଥାଏ । ଏହି ଚାଷ ପାଇଁ ଜମିକୁ ପ୍ରଥମେ ହଳକରି ଧାଡ଼ିରେ ହେକ୍ଟର ପିଛା ୪୦୦ରୁ - ୫୦୦ ଗ୍ରାମ୍ ମଞ୍ଜି ବୁଣା ଯାଇଥାଏ କିମ୍ବା ଚାରା ତିଆରିକରି ରୋପଣ କରାଯାଇଥାଏ । କିନ୍ତୁ ମଞ୍ଜି ବୁଣା ସବୁଠାରୁ ଉତ୍କୃଷ୍ଟ ପଦ୍ଧତି ଅଟେ । ବର୍ଷାଦିନ ଆରମ୍ଭରୁ ଜମି ଚାଲୁ ହୁଏ । ଜମି ଚାଷ ପରେ ହେକ୍ଟର ପିଛା ୨୦ ଟନ୍ ସବୁଜ ସାର ଦେଲେ ଗଛ ଭଲ ବଢ଼େ । ଚାରା ରୋପଣ କଲେ ଦୁଇଟି ଚାରା ତଥା ଧାଡ଼ି ମଧ୍ୟରେ ୧୫ - ୧୫ ସେ.ମି. ଦୂରତା ରଖାଯିବା ଦରକାର । ଭୂଇଁନିମ୍ବକୁ ବର୍ଷାଦିନିଆ ଚାଷ ହିସାବରେ ଗ୍ରହଣ କରାଯାଇଥାଏ । କିନ୍ତୁ ବର୍ଷାର ସ୍ୱଳ୍ପତା ଥିଲେ ୩-୪ଥର ଜଳସେଚନ ଆବଶ୍ୟକ ହୁଏ । ଚାରା ସପାହକର ହୋଇଗଲେ ସେଗୁଡ଼ିକର ମୂଳକୁ ସର୍ବଦା ସଫା ରଖିବା ଦରକାର । ଏହି ଗଛ ଅତ୍ୟଧିକ ପିତା ଲାଗୁଥିବାରୁ କୌଣସି ପୋକ ଏହାକୁ ନଷ୍ଟ କରନ୍ତି ନାହିଁ । ତେଣୁ ଆଦୌ କୀଟନାଶକ ଔଷଧ ଆବଶ୍ୟକ




ହୁଏ ନାହିଁ । ଭୂଇଁନିମ୍ବ ଚାଷର ୪ ମାସ ଅର୍ଥାତ୍ ୧୨୦ ଦିନ ପରେ ଅମଳ ଆରମ୍ଭ କରାଯାଇଥାଏ । ଗୁଳ୍ମଗୁଡ଼ିକୁ ଭଲ ଭାବରେ ମୂଳରୁ ଉପୁଡ଼ା ଯାଇ ସାଇତା ଯାଇଥାଏ ।

### ଅମଳ ପରବର୍ତ୍ତୀ ଯତ୍ନ :

୧. ଭୂଇଁ ନିମ୍ବ ଅମଳପରେ ୨ ଦିନଧରି ସୂର୍ଯ୍ୟ କିରଣରେ ଭଲରୂପେ ଶୁଖାଯାଇଥାଏ ଓ ପରେ ଛାଇରେ ଶୁଖାଯାଏ । ବେଶିଦିନ ସୂର୍ଯ୍ୟକିରଣରେ ରଖିଲେ ଏହାର ଔଷଧୀୟଗୁଣ ନଷ୍ଟ ହୋଇଥାଏ ।
୨. ଶୁଖାଯାଇଥିବା ଭୂଇଁନିମ୍ବକୁ ଅଖା ବ୍ୟାଗରେ ଗଚ୍ଛିତ କରି ରଖାଯିବା ଦରକାର ଓ ଏଥିରେ ଅମଳ ଓ ପ୍ୟାକିଂର ତାରିଖ ଲେଖାଥିବା ଆବଶ୍ୟକ ।
୩. ଗଚ୍ଛିତ ଥିବା ଭୂଇଁନିମ୍ବ ବ୍ୟାଗକୁ ସାମାନ୍ୟ ଅନ୍ଧାର ଓ ଶୁଖିଲା ଜାଗାରେ ରଖାଯିବା ଦରକାର ।
୪. ପରିବହନ ସମୟରେ ଭୂଇଁନିମ୍ବ ବ୍ୟାଗଗୁଡ଼ିକ କୌଣସି ତୈଳ ଜାତୀୟ, ଏସିଡ୍ କିମ୍ବା ରାସାୟନିକ ପଦାର୍ଥ ସଂସ୍ପର୍ଶରେ ନ ଆସିବା ଆବଶ୍ୟକ ।

### ଲାଭ କ୍ଷତିର ହିସାବ

ଏକ ହେକ୍ଟର ଜମିରୁ ୨.୫ ଟନ୍ ଭୂଇଁନିମ୍ବ ମିଳିଥାଏ ଏବଂ ବଜାରରେ ଏହା କିଲୋଗ୍ରାମ ପିଛା ଟ. ୧୦.୦୦/୧୨.୦୦ ହିସାବରେ ବିକ୍ରି ହୋଇଥାଏ । ଏହିପରି ଏକ ହେକ୍ଟରରୁ ସମସ୍ତ ଖର୍ଚ୍ଚ ଯାଇ ପ୍ରାୟ ଟ. ୨୦,୦୦୦/- ପର୍ଯ୍ୟନ୍ତ ଆୟ ହୋଇଥାଏ । ଯଦି ମଞ୍ଜି ଉତ୍ପାଦନ ପାଇଁ ଚାଷୀ ଚାହିଁବ, ତେବେ ସୁସ୍ଥ ଗଛଗୁଡ଼ିକୁ ଜମିରେ ରଖିବା ଆବଶ୍ୟକ । ଯେତେବେଳେ ମଞ୍ଜି ପୂର୍ଣ୍ଣମାତ୍ରାରେ ପାଚିଲା ହୋଇଯାଏ, ସେତେବେଳେ ତାକୁ ଆଣି ମଞ୍ଜି ବାହାର କରିବା ଦରକାର । ମଞ୍ଜିକୁ ଖରାରେ ଭଲରୂପେ ଶୁଖାଯାଏ ଓ ଖୋଲା ଜାଗାରେ ବନ୍ଦ ପାତ୍ରରେ ପୁନର୍ବାର ଚାଷ କରିବା ପାଇଁ ମହଜୁଦ୍ କରାଯାଇଥାଏ ।

ଭୂଇଁନିମ୍ବକୁ ସାଧାରଣତଃ ବିଭିନ୍ନ ଔଷଧୀୟ ଓ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତକାରୀ ସଂସ୍ଥାମାନେ କିଣିଥାଆନ୍ତି । ଓରମାସ ଭୁବନେଶ୍ୱର, ମୃତ୍ତିକା ରିସୋର୍ସେସ ପ୍ରା.ଲି. ଭୁବନେଶ୍ୱର ମଧ ଏହାକୁ କ୍ରୟ କରିଥାଆନ୍ତି ଏବଂ ବ୍ୟବସାୟିକ ଯୋଗାଯୋଗ କରାଇ ଦିଅନ୍ତି । ଯଦି ଆପଣ ଏହି ଚାଷକୁ ଉଦ୍ୟୋଗ ହିସାବରେ କରିବାକୁ ଇଚ୍ଛୁକ, ତେବେ ଆବଶ୍ୟକୀୟ ବୈଷୟିକ ପରାମର୍ଶ, ପ୍ରକଳ୍ପ ରିପୋର୍ଟ ଓ ବଜାର ସମ୍ବନ୍ଧୀୟ ସଂପୂର୍ଣ୍ଣ ବିବରଣୀ ପାଇଁ ଆମ ସହ ଯୋଗାଯୋଗ କରନ୍ତୁ ।


''ପ୍ରୟାସ''
ଉଦ୍ୟୋଗ ବିକାଶ
ମାର୍ଫତ୍ - ସଂଯୋଗ
ରୋଡ୍ ନଂ-୨, କଣ୍ଟାବାଞ୍ଜି, ଜି: ବଲାଙ୍ଗୀର
ଦୂରଭାଷା - ୦୬୬୫୭ - ୨୧୪୪୨

ପ୍ରସ୍ତୁତି - କମଳେଶ ମହାନ୍ତି